ସାନ ବଡ଼ ସଂଖ୍ୟା ଚିହ୍ନିବା

ହାତୀନନାର ଖେଳଣା ଦୋକାନ



ଡୁଗୁଲୁ ପାଖରେ ଅଛି ୯ଟଙ୍କା

ଡୋନା ପାଖରେ ଅଛି ୯୯ ଟଙ୍କା

ଡୁଗୁଲୁ ପାଖରେ କେତେ ଟଙ୍କା ଅଛି ? ____________

ସେ କେଉଁ କେଉଁ ଖେଳଣା କିଣିପାରିବ ? ____________

ସେହି ଖେଳଣାଗୁଡ଼ିକ କାହା ପାଖରେ ଅଛି ? ____________

❖ ଠେକୁଆ ପାଖରେ ଥିବା ଖେଳଣାର ଦାମ୍ ଲେଖ, ଯେପରି –କାରର୍ ଦାମ୍ ୧୫ଟଙ୍କା

ହାତୀର ଦାମ୍ ________

ଝିଅ କଣ୍ଢେଇର ଦାମ୍ ________

ବ୍ୟାଟ୍‌ର ଦାମ୍ ________

❖ ଡୁଗୁଲୁ, ଠେକୁଆ ପାଖରୁ ଖେଳଣା କିଣି ପାରିବ କି ? ________

❖ ଡୁଗୁଲୁ, ଠେକୁଆ ପାଖରୁ ଖେଳଣା କିଣି ପାରିବ ନାହିଁ କାହିଁକି କହ।

ଲକ୍ଷ୍ୟ କର –

୫ ସଂଖ୍ୟାରେ <u>ଗୋଟିଏ</u> ମାତ୍ର ଅଙ୍କ ଅଛି, ତାହା ହେଉଛି <u>୫</u> ।

ଏବେ କହ ଓ ଲେଖ –

୭ ସଂଖ୍ୟାରେ ________ ଟି ଅଙ୍କ ଅଛି, ତାହା ହେଉଛି ________ ।

୯ ସଂଖ୍ୟାରେ ________ ଟି ଅଙ୍କ ଅଛି, ତାହା ହେଉଛି ________ ।

୪ ସଂଖ୍ୟାରେ ________ ଟି ଅଙ୍କ ଅଛି, ତାହା ହେଉଛି ________ ।

କିନ୍ତୁ, ୧୫ ସଂଖ୍ୟାରେ ୨ ଟି ଅଙ୍କ ଅଛି, ସେଗୁଡ଼ିକ ହେଲା ୧ ଓ ୫ ।

ଏବେ କହ,

୨୭ ସଂଖ୍ୟାରେ ________ ଟି ଅଙ୍କ ଅଛି, ସେଗୁଡ଼ିକ ହେଲା — ଓ — ।

୪୦ ସଂଖ୍ୟାରେ ________ ଟି ଅଙ୍କ ଅଛି, ସେଗୁଡ଼ିକ ହେଲା — ଓ — ।

୯୯ ସଂଖ୍ୟାରେ ________ ଟି ଅଙ୍କ ଅଛି, ସେଗୁଡ଼ିକ ହେଲା — ଓ — ।

ଦୁଇଟି ସଂଖ୍ୟା ମଧ୍ୟରେ ଯେଉଁ ସଂଖ୍ୟାର ଅଙ୍କ ସଂଖ୍ୟା ବେଶୀ, ସେହି ସଂଖ୍ୟାଟି ବଡ଼ ।

ପ୍ରତ୍ୟେକ ଧାଡ଼ିରେ ଥିବା ସଂଖ୍ୟା ଦୁଇଟିରୁ ସାନ ସଂଖ୍ୟାଟିରେ ଗୋଲ ବୁଲାଅ।

ଯେପରି

(୭)	୧୭
୫	୧୩
୪୪	୪
୬	୧୦

୨୪	୩
୮	୩୫
୧୨	୨
୯୧	୯

● ପିଲାମାନେ ଘୋଡ଼ା ଉପରେ ଓ ଓଟ ଉପରେ ବସିବାକୁ ଲୋକଟି ଆଗରେ ଧାଡ଼ି କଲେ ।

ଲୋକଟି ସବିତାକୁ କହିଲା, "ଓଟରେ ବସିବାକୁ ୬୫ଟଙ୍କା ଦରକାର । ତୁମ ପାଖରେ ୭୨ ଟଙ୍କା ଅଛି, ତାହା ୬୫ଟଙ୍କାରୁ ବେଶୀ, ତେଣୁ ତୁମେ ଓଟ ଉପରେ ବସି ପାରିବ ।"

୭୨ଟଙ୍କା	୬୫ଟଙ୍କା
୭୨ = ୭ ଦଶ ୨ ଏକ	୬୫ = ୬ ଦଶ ୫ ଏକ

୭୨ର ଦଶକ ସ୍ଥାନରେ କେଉଁ ଅଙ୍କ ଅଛି ? ________

୬୫ର ଦଶକ ସ୍ଥାନରେ କେଉଁ ଅଙ୍କ ଅଛି ? ________

୭, ୬ ଠାରୁ ବଡ଼, ତେଣୁ ୭୨ ସଂଖ୍ୟାଟି ୬୫ ଠାରୁ ବଡ଼ ।

ଲୋକଟି ଲିମାକୁ କହିଲା, "ଓଟ ଉପରେ ବସିବାକୁ ୬୫ ଟଙ୍କା ଦରକାର ।

ତୁମ ପାଖରେ ୩୨ ଟଙ୍କା ଅଛି, ୩୨ଟଙ୍କା ୬୫ ଟଙ୍କାରୁ କମ୍ । ତୁମେ ଓଟ ଉପରେ ବସି ପାରିବ ନାହିଁ ।"

୩୨ = ୩ ଦଶ ୨ ଏକ	୬୫ = ୬ ଦଶ ୫ ଏକ

୩୨ର ଦଶକ ସ୍ଥାନର ଅଙ୍କ ୩, ୬୫ର ଦଶକ ସ୍ଥାନର ଅଙ୍କ ୬ ।

୩ ଅଙ୍କଟି ୬ ଅଙ୍କଠାରୁ ସାନ ହୋଇଥିବାରୁ ୩୨ ସଂଖ୍ୟାଟି ୬୫ସଂଖ୍ୟାଠାରୁ ସାନ ।



ଆମେ କ'ଣ ଜାଣିଲେ ?

ଦୁଇ ଅଙ୍କ ବିଶିଷ୍ଟ ଦୁଇଟି ସଂଖ୍ୟା ମଧ୍ୟରେ ଯେଉଁ ସଂଖ୍ୟାର ଦଶକ ସ୍ଥାନର ଅଙ୍କଟି ବଡ଼, ସେ ସଂଖ୍ୟାଟି ଅନ୍ୟ ସଂଖ୍ୟାଠାରୁ ବଡ଼ ।

ସଚିନ୍ ପାଖରେ ୬୧ ଟଙ୍କା ଥିଲା, ସେ ଓଟରେ ବସିପାରିବ କି ?

ଆସ ଦେଖିବା– ୬୧ = ୬ ଦଶ ୧ ଏକ ୬୫ = ୬ ଦଶ ୫ ଏକ

ଲକ୍ଷ୍ୟ କର, ସଂଖ୍ୟା ଦୁଇଟିର ଦଶକ ସ୍ଥାନର ଅଙ୍କ ସମାନ, କିନ୍ତୁ ଏକକ ସ୍ଥାନର ଅଙ୍କ ଅଲଗା ।

୬୫ର ଏକକ ସ୍ଥାନର ଅଙ୍କ, ୬୧ର ଏକକ ସ୍ଥାନର ଅଙ୍କଠାରୁ ଅଧିକ ।

ତେଣୁ ୬୫ ବେଶୀ, ୬୧ କମ୍ ।

ଦୁଇଟି ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟାର ଦଶକ ଘରର ଅଙ୍କ ସମାନ ହେଲେ, ଯାହାର ଏକକ ଘର ଅଙ୍କ ବଡ଼ ସେହି ସଂଖ୍ୟାଟି ବଡ଼ ।

- ଠେକୁଆ ପାଖରେ ଦଶକ ଘରର ଅଙ୍କ ଅଛି ।
  ମାଙ୍କଡ଼ ଠାରୁ କେଉଁ ଅଙ୍କଗୁଡ଼ିକ ଆଣି ଏକକ ଘରେ ଲେଖିଲେ ନୂଆ ସଂଖ୍ୟାଟି ୪୫ ଠାରୁ ବଡ଼ ସଂଖ୍ୟା ହେବ ଲେଖ ।

ଦଶକ	ଏକକ
୪	
୪	
୪	



- ବଣି ପାଖରେ ଦଶକ ଘର ଅଙ୍କ ଲେଖାଥିବା କାର୍ଡ଼ ଅଛି । ସେ ଶୁଆଠାରୁ ସଂଖ୍ୟାକାର୍ଡ଼ ଆଣି ଏକକ ଘରେ କେଉଁ ସ୍ଥାନରେ ଥୋଇଲେ ନୂଆ ସଂଖ୍ୟାଟି ୭୬ଠାରୁ କମ୍ ହେବ ?

ଦଶକ	ଏକକ
୭	
୭	
୭	
୬	
୬	



ଅଭ୍ୟାସ କାର୍ଯ୍ୟ

୧. ପ୍ରତି ଧାଡ଼ିରେ ଥିବା ସଂଖ୍ୟା ମଧ୍ୟରୁ ବଡ଼ ସଂଖ୍ୟା ତଳେ ବିଲେଇ ମୁହଁ କର, ସାନ ସଂଖ୍ୟା ତଳେ ମୂଷା ମୁହଁ କର ।

୨୫	୨୩	୭୧	୭୨	୯	୫	୫୭	୬	୯୯	୮୯

୨. ଖାଲି ସ୍ଥାନରେ ସଂଖ୍ୟା ଲେଖ ।

(କ) 

ଠେକୁଆ ସଂଖ୍ୟାର ଅଙ୍କକୁ ଅଦଳ ବଦଳ କରିବାରୁ ନୂଆ ସଂଖ୍ୟାଟି ୫୩ ହେଲା, ପୂର୍ବରୁ ସଂଖ୍ୟାଟି କେତେ ଥିଲା ?

ନୂଆ ସଂଖ୍ୟାଟି ....,
ପୂର୍ବ ସଂଖ୍ୟାଟି .... ।

(ଖ)

ନୂଆ ସଂଖ୍ୟାଟି ....,
ପୂର୍ବ ସଂଖ୍ୟାଟି .... ।

(ଗ) ନୂଆ ସଂଖ୍ୟାଟି ....,
ପୂର୍ବ ସଂଖ୍ୟାଟି .... ।

(ଘ)

ନୂଆ ସଂଖ୍ୟାଟି ....,
ପୂର୍ବ ସଂଖ୍ୟାଟି .... ।

୩. ତଳ ସଂଖ୍ୟାମାନଙ୍କର ଅଙ୍କ ଅଦଳ ବଦଳ କର । ନୂଆ ସଂଖ୍ୟାଟିକୁ ତଳ ଘରେ ଲେଖ । ବଡ଼ ସଂଖ୍ୟା ଥିବା ଘରକୁ ରଂଗ ଦିଅ ।

୫୮	୯୧	୪୦	୩୪	୮୯
୮୫				

୪.

୩	୫
୧	୯

ଏହି ଚାରୋଟି ଅଙ୍କକୁ ବ୍ୟବହାର କରି ଦୁଇଅଙ୍କ ବିଶିଷ୍ଟ ସଂଖ୍ୟା ଗଠନ କର । ଯେପରି - ୩୧ , ୫୯

ଏମାନଙ୍କ ମଧ୍ୟରୁ ସବୁଠାରୁ ସାନ ସଂଖ୍ୟାଟି କେତେ ? ....

ଏମାନଙ୍କ ମଧ୍ୟରୁ ସବୁଠାରୁ ବଡ଼ ସଂଖ୍ୟାଟି କେତେ ? ....

୫. (କ) ୬କୁ ଦଶକ ସ୍ଥାନରେ ରଖି ଦୁଇଅଙ୍କ ବିଶିଷ୍ଟ ସଂଖ୍ୟା ଗଢ଼ିବା ।

୬୭	___
___	___
___	___
___	___

ଏମାନଙ୍କ ମଧ୍ୟରୁ ସବୁଠାରୁ ବଡ଼ ସଂଖ୍ୟାଟି - ____________

ଏମାନଙ୍କ ମଧ୍ୟରୁ ସବୁଠାରୁ ସାନ ସଂଖ୍ୟାଟି - ____________

(ଖ) ଆସ, ୬ କୁ ଏକକ ସ୍ଥାନରେ ରଖି ସଂଖ୍ୟା ଗଢ଼ିବା ।

୮୬	___
___୬	___
___	___
___	___

ଏମାନଙ୍କ ମଧ୍ୟରୁ ସବୁଠାରୁ ବଡ଼ ସଂଖ୍ୟାଟି କେତେ ? ______

ଏମାନଙ୍କ ମଧ୍ୟରୁ ସବୁଠାରୁ ସାନ ସଂଖ୍ୟାଟି କେତେ ? ______

୬.(କ)

ଠେକୁଆ– "କେମିତି ଜାଣିଲ ?"

ବେଙ୍ଗ – "୮ରେ ଗୋଟିଏ ଅଙ୍କ ଅଛି, ୧୬ରେ ୨ଟି ଅଙ୍କ ଅଛି ।"

(ଖ)



ଠେକୁଆ– "କେମିତି ଜାଣିଲ କୁହ ।"

ବେଙ୍ଗ– ______

(ଗ)

ଠେକୁଆ – "କେମିତି ଜାଣିଲ କୁହ ।"

ବେଙ୍ଗ– ______